# '୫ଟି'ର କାର୍ଯ୍ୟକାରିତାକୁ ନେଇ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ।

ଅନୁଗୋଳ ୨୨.୦୨ :- ମୋ ସରକାର କାର୍ଯ୍ୟକ୍ରମରେ ଲୋକମାନଂକୁ ସରକାରଂକ ବିଭିନ୍ନ ଯୋଜନାର ସେବା ଉପଲବଧ କରାଇବା ଉଦ୍ଦେଶ୍ୟରେ '୫ଟି' ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଛି । ଆସନ୍ତା ମାସ ମାର୍ଚ୍ଚ ୫ ତାରିଖରେ ମୋ ସରକାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ । ପ୍ରତ୍ୟେକ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇ ସେବା ପାଇବା ନିମନ୍ତେ ଆସୁଥବା ଲୋକମାନଂକର ଏକ ରେଜିଷ୍ଟ ମାଧ୍ୟମରେ ମୋବାଇଲ ନମ୍ବର ସହ ସମ୍ପୂର୍ଣ୍ଣ ତଥ୍ୟ ରହିବ । ପରବର୍ତ୍ତୀ ସମୟରେ କାର୍ଯ୍ୟାଳୟକୁ ଆସିଥିବା ଲୋକମାନେ କିପରି ସେବା ଓ ବ୍ୟବହାର ପାଇଲେ ସେ ସମ୍ପର୍କରେ ଟେଲିଫୋନ ମାଧ୍ୟମରେ ସରକାର ସିଧାସଳଖ କଥା ହେବେ । କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଂକୁ ଉତ୍ତମ ବ୍ୟବହାର ଓ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ପରିସରରେ ଓ ବାହାରେ ଆବଶ୍ୟକ ସୂଚନା ପ୍ରଦର୍ଶିତ କରାଯିବ । ଆମ ଦେଶର ପ୍ରାୟ ୨୦ ଟି ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନଂକୁ ମୋ ସରକାର କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଂକର ଆଭିମୁଖ୍ୟ ସମ୍ପର୍କରେ ସଚେତନ କରାଯିବ । ଯେଉଁ ବିଭାଗ ଅନ୍ତର୍ଭୁକ୍ତ ହୋଇନାହାଁନ୍ତି ସେମାନଂକୁ ମାର୍ଚ୍ଚ ୫ ତାରିଖ ସୁଦ୍ଧା ଅନ୍ତର୍ଭୁକ୍ତ କରାଯିବ । ସେଥିପାଇଁ ବିଭାଗୀୟ ଅଧିକାରୀମାନେ ନିଜ ବିଭାଗ ତରଫରୁ ଯୋଗାଇ ଦେଉଥିବା ସେବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯୋଗାଇ ଦେବା ସହ ଆନୁସଂଗିକ ଭିତ୍ତିଭୂମୀକୁ ପ୍ରସ୍ତୁତ କରିବା ଉପରେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୫ଟିର ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପଲବଧ ସେବା ଓ ଆନୁସଂଗିକ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ୱାନ୍ ଷ୍ଟପ୍ ସେଣ୍ଟରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କରିବା ନିମନ୍ତେ ଆବଶ୍ୟକ ସ୍ଥାନ ନିରୁପଣ କରିବା ସହ ଟ୍ରାଉମାସେଣ୍ଟର ପ୍ରତିଷ୍ଠା ଓ ୩୦୦ ଶଯ୍ୟାର ପ୍ରସ୍ତାବ ସମ୍ପର୍କରେ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଂକୁ ପରାମର୍ଶ ଦିଆଯାଇଛି । ଏହାଛଡା ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ଖଣିଜ ପାଣ୍ଠିରେ ଚାଲୁଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତି ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏସ୍ ସି ବି କୁ ରେଫର କରାଯାଉଥିବା ରୋଗୀଂକ ସଂଖ୍ୟା କମିଯାଇଥିବା ବିଷୟରେ ଜିଲ୍ଲାପାଳ ଅବଗତ ହୋଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ରୋଷେଇ ଗୃହ,ନୂଆ ପଞ୍ଜିକରଣ ଗୃହ ଓ ରୋଗୀ ବିଶ୍ରାମ ଗୃହ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଂକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଳମ୍ବିତ ରାତିରେ ପ୍ରସବ ପାଇଁ ଆବଶ୍ୟକ ପଡୁଥିବା ନିଶ୍ଚେତକ ବିଶେଷଜ୍ଞ ଓ ଡାକ୍ତରଂକ ଉପସ୍ଥିତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଓ ପି ଡିକୁ ରାତି ୧୨ ଟା ପର୍ଯ୍ୟନ୍ତ ଖୋଲା ରଖିବା ସହ ରୋଗୀମାନଂକର ଅନ ଲାଇନ୍ ପଂଜିକରଣ ଶତ ପ୍ରତିଶତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । 'ସଖୀ' କେନ୍ଦ୍ରର ସଠିକ୍ ପରିଚାଳନା କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ 'କରୋନା' ପାଇଁ ଏକ ସ୍ୱତନ୍ତ୍ର ସେଲ୍ ଖୋଲିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଜୁ ସେତୁ ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୧୧ଟି ସେତୁ ମଧ୍ୟରୁ ୪ଟି ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ

ସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ୧୩ଟି ରାସ୍ତାର ୯୬ କି ମି ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ପୂର୍ତ୍ତ ବିଭାଗ ଦ୍ୱାରା ଷ୍ଟାଡିୟମ ଗ୍ୟାଲେରୀ ଓ ଆଧୁନିକକରଣ କାର୍ଯ୍ୟ ଓ ସଭାଘର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । କୃଷି ବିଭାଗ ଦ୍ୱାରା ମାସକୁ ୨ ଥର ବିଭିନ୍ନ ପଂଚାୟତକୁ ଯାଇ କୃଷିଭିତ୍ତିକ ଯୋଜନାର କାର୍ଯ୍ୟକାରିତାକୁ ନେଇ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଚାଷୀମାନଂକର ମତାମତ ସଂଗ୍ରହ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ସେହିପରି ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ପାନୀୟ ଜଳଯୋଗାଣ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ଦିଗରେ ଦାୟିତ୍ୱରେ ଥିବା କର୍ମଚାରୀ ଅବହେଳା ପ୍ରଦର୍ଶନ କଲେ ସେମାନଂକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠିରେ ଖଣି ପ୍ରଭାବିତ ୩ଟି ବ୍ଲକରେ ଜୀବିକା ଉପରେ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଏହାକୁ ବିଭିନ୍ନ ପୂନର୍ବାସ ଓ ଥଇଥାନ କଲୋନିରେ କାର୍ଯ୍ୟକାରୀ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ସମାଜ ମଂଗଳ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଥିବା ୧ ଲକ୍ଷ ୨୭ ହଜାର ହିତାଧିକାରୀଂକର ଟେଲିଫୋନ ନମ୍ବର ସହ ଆବଶ୍ୟକ ତଥ୍ୟକୁ ପୋର୍ଟାଲରେ ଭରିବା ସହ ସମସ୍ତ ହିତାଧିକାରୀଂକୁ ପରିଚୟ ପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବସ୍ତିବାସିନ୍ଦାମାନଂକୁ ଆସନ୍ତା ମାସ ୫ ତାରିଖରେ ଜମି ହକଦାର ( Entitlement certificate) ପ୍ରମାଣ ପତ୍ର ପ୍ରଦାନ କରାଯିବ । ଯେଉଁମାନେ ୧୦.୮.୨୦୧୭ ପୂର୍ବରୁ ରହୁଥିବା ଯାଗା କିସମ ପରିବର୍ତ୍ତନ ହୋଇପାରି ନଥିବାରୁ ସେମାନଂକୁ ବର୍ତ୍ତମାନ ପାଇଁ ଏହି ପ୍ରମାଣପତ୍ର ପ୍ରଦାନ କରାଯାଉଛି । ପରବର୍ତ୍ତୀ ସମୟରେ କିସମ ପରିବର୍ତ୍ତନ କରାଯାଇ 323 Sqft ର ଯାଗା ସେମାନଂକ ନାମରେ ଜମି ପଟ୍ଟା ପ୍ରଦାନ କରାଯିବ । ଏହି ବୈଠକରେ ପ୍ରାଣୀ ସମ୍ପଦ ବିଭାଗ,ଜିଲ୍ଲା ଯୋଗାଣ ବିଭାଗ,ଉଦ୍ୟାନ ବିଭାଗ ଓ ୩ଟି ପୌରାଂଚଳର ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବିଦ୍ୟୁତ୍ ବିଭାଗ ଦ୍ୱାରା ଭୂମି ଠାରୁ ଅନ୍ୟୁନ ୨୦ ଫୁଟ ଉଚ୍ଚରେ ତାର ଟାଣିବା, ଜନଗହଳି ସ୍ଥାନରେ ଅସୁରକ୍ଷିତ ଟ୍ରାନସଫର୍ମର ଓ ଖୁଣ୍ଟ ପୋତିବା ସମ୍ପର୍କରେ ସେସୁ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ସହ ଜନସାଧାରଣଂକ ମଧ୍ୟରେ ଏ ନେଇ ବ୍ୟାପକ ଜନସଚେତନତା ଉପରେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ସମସ୍ତଂକୁ ସ୍ୱାଗତ କରିବା ସହ ମୋ ସରକାରରେ ୫ଟିର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପ ତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ, ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦୀପ, ଡେପୁଟୀ କଲେକ୍ଟର ଶ୍ରୀ ସୁବ୍ରତ ବେହେରାଂକ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।





